
ଡିଜିଟାଲ୍ ଏଡିସନ୍

# ସର୍ବହରା କ୍ରାନ୍ତି

ତାରିଖ – ୫ଅଗଷ୍ଟ, ୨୦୨୦





"ସର୍ବହରା ଶ୍ରେଣୀକୁ ତାର ଚୁଡାନ୍ତ ବିଜୟ ହାସଲ କରିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ ହେବା ସକାଶେ ଅନ୍ୟ ସମସ୍ତ କିଛିରୁ ଭିନ୍ନ ଏବଂ ସେମାନଙ୍କର ବିରୋଧୀ ଏକ ସ୍ୱତନ୍ତ୍ର ପାର୍ଟି, ଏକ ସଚେତନ ସର୍ବହରା ଶ୍ରେଣୀର ପାର୍ଟି ଗଠନ କରିବାକୁ ହେବ ।"

– ଫ୍ରେଡେରିକ ଏଙ୍ଗେଲସ

"ଆପାତଃଦୃଷ୍ଟ ଦୁଃଖମୟ ଜୀବନର ନିରନ୍ତର ସଂଗ୍ରାମ ମଧ୍ୟରେ ଲିପ୍ତ ରହି ଜଣେ ବିପ୍ଳବୀ ଯେଉଁ ଶାନ୍ତି ଓ ଆନନ୍ଦ ଖୋଜିପାଏ, ସାଧାରଣ ମଣିଷ କୋଠାବାଡି, ଗାଡିମଟର, ଆରାମ ଅୟସ ମଧ୍ୟରେ ତାହାର ସନ୍ଧାନ ଖୋଜିପାଏ ନାହିଁ ।"

"ବିପ୍ଳବ ଠାରୁ ବଡ ସମ୍ପଦ, ବିପ୍ଳବୀ ଜୀବନଠାରୁ ବଡ ଜୀବନ ତାର ଆଉ କିଛି ନାହିଁ ।"

– ଶିବଦାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) – ଓଡିଆ ମୁଖପତ୍ର

ମୁଖ୍ୟ ସମ୍ପାଦକ – କମ୍ରେଡ ତାପସ ଦତ୍ତ

ସର୍ବହରା କ୍ରାନ୍ତି

# ଅଗଷ୍ଟ ୫ – ସର୍ବହରା ଶ୍ରେଣୀର ମହାନ ନେତା ଏ ଦେଶର ମୁକ୍ତି ଆନ୍ଦୋଳନର ପଥ ପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କ ସ୍ମୃତି ଦିବସର ସଂକଳ୍ପ



୧୯୭୬ ମସିହା ଅଗଷ୍ଟ ୫ ତାରିଖ ଦିନ ସର୍ବହରାର ମହାନ ନେତା, ଏ ଯୁଗର ଅନ୍ୟତମ ବିଶିଷ୍ଟ ମାକ୍ସବାଦୀ ଚିନ୍ତାନାୟକ ତଥା ଭାରତବର୍ଷର ଏକମାତ୍ର ସଠିକ୍ ସାମ୍ୟବାଦୀ ଦଳ ଏସୟୁସିଆଇ(ସି)ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ କମ୍ରେଡ଼ ଶିବଦାସ ଘୋଷଙ୍କର ଅନନ୍ୟ, ଅସାଧାରଣ ସଂଗ୍ରାମୀ ଜୀବନର ଅବସାନ ଘଟିଥିଲା । ଏହି ଦିନଟି ତାଙ୍କର ହାତଗଢା ଦଳ ଏସ୍‌ୟୁସିଆଇ(ସି)ର ଅଗଣିତ କର୍ମୀ, ସମର୍ଥକ, ଦରଦୀ, ଶୁଭେଚ୍ଛୁ ତଥା ସମଗ୍ର ବିଶ୍ୱର ମୁକ୍ତିକାମୀ, ମେହନତୀ ଜନସାଧାରଣଙ୍କ ପାଇଁ ଏକ ଗଭୀର ବେଦନାଶିକ୍ତ ଦିନ । ଅନ୍ୟ ଦିଗରେ ଭାରତବର୍ଷରେ ମେହନତୀ ଜନସାଧାରଣଙ୍କର ମୁକ୍ତି ସଂଗ୍ରାମରେ ନିଜକୁ ସାମିଲ କରିଥିବା ଏବଂ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କର ଚିନ୍ତା ଶିକ୍ଷାକୁ ଜୀବନରେ ଗ୍ରହଣ କରିଥିବା ବିପ୍ଳବୀମାନଙ୍କ ପାଇଁ ଏହା ପୁନଃ ଅଙ୍ଗୀକାର କରିବା ତଥା ନିଜକୁ କମ୍ରେଡ଼ ଶିବଦାସ ଘୋଷଙ୍କ ଆଦର୍ଶର ଆଧାରରେ ଉଚ୍ଚସ୍ତରର କମ୍ୟୁନିଷ୍ଟ କର୍ମୀରେ ପରିଣତ କରିବା ଓ ଭାରତବର୍ଷରେ କମ୍ରେଡ଼ ଶିବଦାସ ଘୋଷଙ୍କ ପ୍ରଦର୍ଶିତ ରାସ୍ତାରେ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବ ସଫଳ କରିବା ପାଇଁ ପୁଣିଥରେ ପ୍ରତିଜ୍ଞା କରିବାର ଦିନ । ଏହି ପୃଷ୍ଠଭୂମିରେ ପ୍ରତିବର୍ଷ ପାର୍ଟି ପକ୍ଷରୁ ଏହି ଦିବସଟିକୁ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ପାଳନ କରାଯାଉଛି ।

ତରୁଣ ବୟସରେ ଭାରତର ସ୍ୱାଧିନତା ଆନ୍ଦୋଳନର ବିପ୍ଳବୀ ଧାରା ସହିତ ସାମିଲ ହୋଇ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସନ କବଳରୁ ଦେଶକୁ ମୁକ୍ତ କରିବାର ବଜ୍ର ଶପଥ ନେଇ ସ୍ୱାଧିନତା ଆନ୍ଦୋଳନରେ ଝାସ ଦେଇ କମ୍ରେଡ୍ ଶିବଦାସ ଘୋଷ ତତ୍କାଳୀନ ବିପ୍ଳବୀ ସଂଗଠନ ଅନୁଶୀଳନ ସମିତିରେ ଯୋଗ ଦେଇଥିଲେ । ଆପୋଷହୀନ ଧାରାରେ ବଳିଷ୍ଠ ସଂଗ୍ରାମ କରିଆରେ ସ୍ୱାଧୀନତା ଆନ୍ଦୋଳନ ଗଢି ତୋଳିବାକୁ ଯାଇ ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ କାରାରୁଦ୍ଧ ହୋଇଥିଲେ । ସେହି କାରାରୁଦ୍ଧ ଅବସ୍ଥାରେ ସେ ମାର୍କ୍ସବାଦୀ ଚିନ୍ତାଧାରା ଗଭୀରଭାବେ ଅଧ୍ୟୟନ କରି ଉପଲବ୍ଧି କରିଥିଲେ ଯେ ମହାନ୍ କାର୍ଲମାର୍କ୍ସଙ୍କ ପ୍ରଦର୍ଶିତ ବିଜ୍ଞାନସମ୍ମତ ଚିନ୍ତାଧାରା ହିଁ ଭାରତବର୍ଷର ଶ୍ରମିକଶ୍ରେଣୀ ଓ ଶୋଷିତ ପରାଧୀନ ଜନସାଧାରଣଙ୍କ ମୁକ୍ତି ପଥକୁ ପ୍ରଶସ୍ତ କରିପାରିବ । ମାତ୍ର ସେ ସମୟରେ ନିଜକୁ କମ୍ୟୁନିଷ୍ଟ ବୋଲି ଦାବି କରୁଥିବା ତତ୍କାଳୀନ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟି ସିପିଆଇ (ସମ୍ପ୍ରତି ସି.ପି.ଆଇ, ସି.ପି.ଆଇ (ଏମ୍) ତଥା ଅନ୍ୟାନ୍ୟ ଗୋଷ୍ଠୀରେ ବହୁଧାବିଭକ୍ତ) ର କାର୍ଯ୍ୟକଳାପ ଓ ଚିନ୍ତାଧାରା ସହିତ ମାର୍କ୍ସବାଦୀ ବିଚାରର କୌଣସି ସମ୍ପର୍କ ନଥିଲା ବରଂ ସେମାନଙ୍କର ଭୂମିକା କମ୍ୟୁନିଜମର ମହାନ୍ ଆଦର୍ଶ ସମ୍ପର୍କରେ ବିଭ୍ରାନ୍ତି ସୃଷ୍ଟି କରିଥିଲା । ପରବର୍ତ୍ତୀକାଳରେ ଏହି ଅବିଭକ୍ତ ସି.ପି.ଆଇ ଓ ସି.ପି.ଆଇ (ଏମ୍) ତଥା ଅନ୍ୟାନ୍ୟ ଗୋଷ୍ଠୀରେ ବହୁଧାବିଭକ୍ତ ଦଳମାନଙ୍କର କାର୍ଯ୍ୟକଳାପ, ଚିନ୍ତାଧାରା ଜନମାନସରେ ଏହି ମହାନ ଆଦର୍ଶକୁ କାଳିମାଲିପ୍ତ କରିଥିଲା ଓ ଆଜି ବି କରିଚାଲିଛି । ଫଳରେ କମ୍ରେଡ ଶିବଦାସ ଘୋଷ ସେହି ସମୟରେ ହିଁ ବୁଝିପାରିଥିଲେ ଯେ, ସିପିଆଇ

ଦଳ କିମ୍ବା ସେହି ଧରଣର ଅନ୍ୟ କୌଣସି ଦଳ ଭାରତବର୍ଷର ବିଶେଷ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପରିସ୍ଥିତିକୁ ବିଜ୍ଞାନସମ୍ମତ ଭାବରେ ବିଶ୍ଳେଷଣ କରି ସଠିକ୍ କମ୍ୟୁନିଷ୍ଟ ପାର୍ଟି ଭାବରେ ଗଢ଼ିଉଠି ପାରିନାହିଁ । ତେଣୁ ଯେତେ କଷ୍ଟସାଧ୍ୟ ହେଉ ଏ ଦେଶରେ ଏକ ଯଥାର୍ଥ ଶ୍ରମିକଶ୍ରେଣୀର କମ୍ୟୁନିଷ୍ଟ ଦଳ ଗଢିତୋଳିବାକୁ ହେବ । କାରାରୁଦ୍ଧ ଅବସ୍ଥାରେ ହିଁ ସେ ଆହୁରି ମଧ୍ୟ ବୁଝିପାରିଥିଲେ ଯେ ଭାରତର ସ୍ୱାଧିନତା ଆସନ୍ନପ୍ରାୟ । ମାତ୍ର ଏହି ସ୍ୱାଧିନତା ଦେଶର ସ୍ୱାଧିନତା ଆନ୍ଦୋଳନରେ ପ୍ରାଣବଳୀ ଦେଇଥିବା ଦେଶର ସାଧାରଣ ମଣିଷର ମୁକ୍ତିର ସ୍ୱପ୍ନକୁ ସାକାର କରିବ ନାହିଁ ।

ସ୍ୱାଧିନତା ଅର୍ଜିତ ହେବ । ମାତ୍ର ଭାରତୀୟ ଜାତୀୟ ବୁର୍ଜୁଆ ଶ୍ରେଣୀ ଇଂରେଜ ସାମ୍ରାଜ୍ୟବାଦୀମାନଙ୍କ ସହିତ ବୁଝାମଣା କରି ରାଷ୍ଟ୍ରକ୍ଷମତା ଦଖଲ କରିବ, ଦେଶରୁ ଶୋଷଣ, ଅତ୍ୟାଚାର, ଦାରିଦ୍ର୍ୟ, ଅନାହାର, ଅର୍ଦ୍ଧାହାର, ଅଶିକ୍ଷା ଦୂର ହେବ ନାହିଁ, ଠିକ୍ ବ୍ରିଟିଶ୍ ଶାସକମାନଙ୍କ ଭଳି ଦେଶର ନୂଆ ଶାସକମାନେ ଜନସାଧାରଣଙ୍କ ଉପରେ ଶୋଷଣ ଅତ୍ୟାଚାର ଜାରି ରଖିବେ, ବରଂ ସମୟକ୍ରମେ ଏହି ଅତ୍ୟାଚାର ବହୁଗୁଣିତ ହେବ । ଜେଲ୍‌ରୁ ବାହାରିବା ପରେ କମ୍ରେଡ଼ ଶିବଦାସ ଘୋଷ ଏହି ବୁଝାମଣାର ଆଧାରରେ ହିଁ ତାଙ୍କର ମୁଷ୍ଟିମେୟ ଘନିଷ୍ଠ ସହଯୋଦ୍ଧାଙ୍କୁ ସାଙ୍ଗରେ ଧରି ଦେଶରେ ଗୋଟିଏ ସଠିକ୍ ସର୍ବହରା ବିପ୍ଳବୀ ଦଳ ଗଢ଼ିତୋଳିବାର ପ୍ରୟୋଜନୀୟ ପ୍ରାକସର୍ତ୍ତ ହିସାବରେ ଏକ ନଜିରବିହୀନ କଠିନ, କଠୋର ତୀବ୍ର ସମାଜବାଦୀ ସଂଗ୍ରାମରେ ଲିପ୍ତହେଲେ । ଏହି ଅନନ୍ୟ ସଂଗ୍ରାମର ଫଳଶ୍ରୁତିରେ ୧୯୪୮ ମସିହା ଏପ୍ରିଲ ୨୪ ତାରିଖ ଦିନ ଗୋଟିଏ କନ୍‌ଭେନ୍‌ସନ୍ ମଧ୍ୟଦେଇ ଭାରତବର୍ଷର ଏକମାତ୍ର ସଠିକ୍ ସାମ୍ୟବାଦୀ ଦଳ ଭାବରେ ଏସ୍‌ୟୁସିଆଇ(ସି) ଦଳ ପ୍ରତିଷ୍ଠିତ ହେଲା ଏବଂ ଏହି ପ୍ରକ୍ରିୟାରେ ଦଳର ଯୌଥଜ୍ଞାନର ବ୍ୟକ୍ତିକୃତ ପରିପ୍ରକାଶ- ଦଳର ନେତା, ଶିକ୍ଷକ, ପଥପ୍ରଦର୍ଶକ ଓ ଅଥରିଟି ଭାବରେ କମ୍ରେଡ଼୍ ଶିବଦାସ ଘୋଷଙ୍କ ଅଭ୍ୟୁଦୟ ଘଟିଲା ।

ହାତଗଣତି ସାଥିଙ୍କୁ ନେଇ ସହାୟ, ସମ୍ବଳହୀନଭାବେ ଚଳାଇଥିବା ଏକ ନୂଆ ପାର୍ଟି ଗଢିବାର ଏହି ଉଦ୍ୟମକୁ ବିଦ୍ରୁପ କରି ସେଦିନ ଏହି ତଥାକଥିତ କମ୍ୟୁନିଷ୍ଟମାନେ କେତେ କଥା ଯେ କହିଛନ୍ତି ତାର ଇୟତ୍ତା ନାହିଁ । ଶୁଭାକାଂକ୍ଷୀମାନେ ଏହି ଦଳ ଗଢି ଉଠୁ ବୋଲି ଚାହିଁଲେ ବି ସନ୍ଦିହାନ ଥିଲେ, ସତେକି ଏଭଳି ଏକ ଅସାଧ୍ୟ ସାଧନ କରିବା ସମ୍ଭବ ହେବ ? କମ୍ରେଡ ଶିବଦାସ ଘୋଷ ଏସବୁ କଥାକୁ କାନ ଦେଇନାହାନ୍ତି କିମ୍ବା ସମ୍ଭବ ଅସମ୍ଭବର ତର୍କ ଭିତରେ ସମୟ ନଷ୍ଟ କରିନାହାନ୍ତି । ସେ ଇତିହାସ ଓ ବିଜ୍ଞାନର ଶିକ୍ଷାର ଆଧାରରେ ଓ ମାର୍କ୍ସବାଦ- ଲେନିନବାଦର ଚିନ୍ତାଧାରାକୁ ପାଥେୟ କରି ବୁଝିଥିଲେ ଯେ, ସଠିକ ଦୃଷ୍ଟିଭଙ୍ଗୀ, ସଠିକ କର୍ମ ପଦ୍ଧତି ଓ ଯଥାର୍ଥ ଶ୍ରମିକଶ୍ରେଣୀର ପାର୍ଟି ଗଢି ଉଠିବା ବିନା ଏ ଦେଶରେ କିମ୍ବା କୌଣସି ଦେଶରେ ବିପ୍ଳବ ସଫଳ ହୋଇପାରିବ ନାହିଁ । ବିଳମ୍ବ ହେବ ବୋଲି ଭୁଲ ପଥରେ ଗଲେ ବା ସଂଖ୍ୟାଗତଭାବେ ଏକ ବଡ ଦଳରେ ଯୋଗ ଦେଲେ ବିପ୍ଳବର ପଥ ଆହୁରି କ୍ଷତିଗ୍ରସ୍ତ ହେବ । ତେଣୁ ସେ କହୁଥିଲେ ସଠିକ ପଥରେ ଆଜି ହୁଏତ ମୁଁ ଏକା ଅଛି, ଏକା ଲଢିଯିବି, ଯାହା ବିଜ୍ଞାନସମ୍ମତଭାବେ ସତ୍ୟ ବୋଲି ପ୍ରତିଷ୍ଠିତ ସେହି ପଥରେ ହିଁ ସଂଗ୍ରାମ କରିଯିବି । ଯଦି ସଫଳ ହୋଇ ନ ପାରେ ତେବେ ଅନ୍ତତଃପକ୍ଷେ ବିପ୍ଳବ ପାଇଁ ଏକ ଇଟା ପୋତି ଦେଇଯିବି । ପରବର୍ତ୍ତୀ ବଂଶଧର ସେହି ଇଟା ଉପରେ ବିପ୍ଳବର ସୌଧ ନିର୍ମାଣ କରିବେ । ଏହି ଧାରାରେ ସେ ଏ ଦେଶର ଏକମାତ୍ର ସଠିକ କମ୍ୟୁନିଷ୍ଟ ଦଳ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଗଢି ଦେଇଯାଇଛନ୍ତି । ଆଜି ଆମ ଦେଶରେ ଏହି ଦଳର କ୍ରମାଗତ ବିକାଶ ଘଟୁଛି । କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତାଧାରାର ପ୍ରଭାବ ଆଜି ବିଦେଶରେ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ।

ଏହିଭଳିଭାବେ ମାର୍କ୍ସବାଦ-ଲେଲିନ୍‌ବାଦ ଓ କମ୍ରେଡ଼ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ହତିଆର କରି ସେ ଦିନ ମୁଷ୍ଟିମେୟ ସଂଗ୍ରାମୀମାନଙ୍କୁ ନେଇ ଗଠିତ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ ଆଜି ସମଗ୍ର ଭାରତବର୍ଷରେ ମେହନତୀ ଜନସାଧାରଣ, ଚାଷୀ,

ମୂଲିଆ, ଛାତ୍ର, ଯୁବକ, ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଜନସାଧାରଣଙ୍କର ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ତଥା ସମାଜର ବୈପ୍ଳବିକ ପରିବର୍ତ୍ତନ ଘଟାଇ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବକୁ ସାକାର କରିବା ପାଇଁ ନିରବଚ୍ଛିନ୍ନ ଭାବରେ ଗଣଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମ ପରିଚାଳନା କରି ଚାଲିଛି । ଏହି ସଂଗ୍ରାମ ଫଳରେ ଆଜି ଏହି ଦଳ ଓ ଏହାର ଗଣସଂଗଠନଗୁଡ଼ିକ ଭାରତବର୍ଷର ୨୫ ରାଜ୍ୟରେ ଗଢ଼ିଉଠିଛି ଏବଂ ଦେଶର ସାଧାରଣ ଲୋକଙ୍କର ଲଢ଼େଇର ଏକମାତ୍ର ନିର୍ଭରଯୋଗ୍ୟ ହତିଆର ଭାବରେ ଅଧିକରୁ ଅଧିକ ସ୍ୱୀକୃତି ଲାଭ କରିଛି । ଆନ୍ତର୍ଜାତୀୟ ପ୍ରେକ୍ଷାପଟରେ ମଧ୍ୟ କମ୍ରେଡ୍ ଶିବଦାସ ଘୋଷଙ୍କର ହାତଗଢ଼ା ଏସ୍.ୟୁ.ସି.ଆଇ(ସି) ଦଳ ଏହାର ସର୍ବହରା ଆନ୍ତର୍ଜାତୀୟ ଭୂମିକା ପାଳନ କରିବାପାଇଁ ସମସ୍ତ ଉଦ୍ୟମ ଜାରୀ ରଖିଛି । ସୋଭିଏତ୍ ୟୁନିୟନ୍ ଓ ଅନ୍ୟାନ୍ୟ ସମାଜବାଦୀ ରାଷ୍ଟ୍ରମାନଙ୍କରେ ସମାଜବାଦର ସାମୟିକ ଅଥଚ ଦୁଃଖଦ ପତନ ପରେ ସମଗ୍ର ବିଶ୍ୱରେ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନେ ଚଳାଇଥିବା ଲଗାମହୀନ ଶୋଷଣ ଅତ୍ୟାଚାରର ଫଳଶ୍ରୁତିରେ ଖୋଦ୍ ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପ ସମେତ୍ ବିଶ୍ୱର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ମୁଣ୍ଡଟେକି ଉଠୁଥିବା ସ୍ୱତଃସ୍ଫୁର୍ତ୍ତ ଗଣ ଆନ୍ଦୋଳନଗୁଡ଼ିକୁ ସଠିକ୍ ରାସ୍ତାରେ ପରିଚାଳିତ କରିବା ଏବଂ ବିଭିନ୍ନ ଦେଶରେ ବିକ୍ଷିପ୍ତ ଭାବରେ କାମକରୁଥିବା ବିଭିନ୍ନ ବାମପନ୍ଥୀ ଗୋଷ୍ଠୀ ଓ ଶକ୍ତିଗୁଡ଼ିକୁ ମାର୍କ୍ସବାଦ-ଲେଲିନ୍‌ବାଦର ସଠିକ୍ ଓ ବିଜ୍ଞାନ ସମ୍ମତ ପ୍ରୟୋଗର ଭିତ୍ତିରେ ଏକତ୍ରିତ ଓ ସଂହତ କରିବା ପାଇଁ ପାର୍ଟି ପକ୍ଷରୁ ନିରଳସ ସଂଗ୍ରାମ ଜାରୀ ରହିଛି ।

ଆଜି ଆମେ କମ୍ରେଡ଼ ଶିବଦାସ ଘୋଷଙ୍କ ସ୍ମରଣ ଦିବସ ପାଳନ କରିବାକୁ ଯାଉଥିବାବେଳେ ଆମ ଦେଶ ସମେତ୍ ସମଗ୍ର ବିଶ୍ୱ କରୋନା ମହାମାରୀ ଦ୍ୱାରା କବଳିତ । ଏହି ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦ୍ଧତି ଅବଲମ୍ବନ କରିବା ପରିବର୍ତ୍ତେ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଶକ୍ତିମାନେ ନିଜର ସ୍ୱାର୍ଥ ରକ୍ଷା କରିବାକୁ ଯାଇ ସମଗ୍ର ବିଶ୍ୱକୁ ଆଜି ବିପର୍ଯ୍ୟୟର ମୁହଁକୁ ଠେଲି ଦେଇଛନ୍ତି । ମନୁଷ୍ୟକୃତ ଏହି ବିପର୍ଯ୍ୟୟ ଫଳରେ ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରିଛନ୍ତି । ଆମ ଦେଶରେ ପ୍ରାୟ ୧୫ ଲକ୍ଷ ଲୋକ ଏଥିରେ ସଂକ୍ରମିତ ହୋଇଥିବାବେଳେ ମୃତ୍ୟୁ ସଂଖ୍ୟା ପାଖାପାଖି ୩୫ ହଜାର । କରୋନା ସଂକ୍ରମଣ ଓ ଏହାକୁ ରୋକିବା ପାଇଁ ଦେଶବାସୀ ଗତ ୪ ମାସ ଧରି ଗୋଟିଏ ପଟରେ ଚାଲିଥିବା ଲଗାତାର ଲକ୍‌ଡ଼ାଉନ ଓ ସଟ୍‌ଡ଼ାଉନ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଅନ୍ୟପଟରେ କରୋନା ସଂକ୍ରମିତ ଲୋକଙ୍କର ଉପଯୁକ୍ତ ଚିକିତ୍ସାର ଅଭାବ ଓ ଲକ୍‌ଡ଼ାଉନ-ସଟ୍‌ଡ଼ାଉନ ଫଳରେ ଜୀବିକା ହରାଇ ହାହାକାର କରୁଥିବା ଦେଶର ଶହେକୋଟିରୁ ଅଧିକ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଅପରାଧି ସୁଲଭ ଉଦାସୀନତା ସମଗ୍ର ଦେଶକୁ ହାହାକାରମୟ ପରିସ୍ଥିତି ମଧ୍ୟକୁ ଠେଲି ଦେଇଛି । ଏକଚାଟିଆ ପୁଞ୍ଜିପତି, କର୍ପୋରେଟ ହାଉସ ତଥା ଭାରତୀୟ କମ୍ପାନୀମାନଙ୍କର ମୁନାଫା ତଥା କେନ୍ଦ୍ରରେ କ୍ଷମତାସୀନ ବିଜେପି ଦଳର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ରକ୍ଷା ପାଇଁ ଦେଶର ଶ୍ରମିକ, ଚାଷୀ, ମୂଲିଆ, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ଅନ୍ୟାନ୍ୟ ମେହନତୀ ଜନସାଧାରଣଙ୍କୁ ମୃତ୍ୟୁ ଓ ଚରମ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦିଆଯାଇଛି । ଏହି ମହାମାରୀ ପୁଞ୍ଜିବାଦୀ ଭାରତବର୍ଷରେ ସମାଜ ବ୍ୟବସ୍ଥାର ଅସଲ ଚେହେରାକୁ ଅତ୍ୟନ୍ତ ନଗ୍ନ ଭାବରେ ପ୍ରଦର୍ଶିତ କରିଛି ଏବଂ ଦେଶୀ-ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କର ରାଜନୈତିକ ମ୍ୟାନେଜର- ଦେଶର ସରକାରମାନଙ୍କର ସମନ୍ୱିତ ବିକାଶ ଓ ଉନ୍ନୟନ ସଂପର୍କିତ ପ୍ରଚାରକୁ ମିଥ୍ୟା ପ୍ରମାଣିତ କରିଛି । ଦେଶର ଜନସାଧାରଣ ଏହି ଧରଣର ପରିସ୍ଥିତିର ସମ୍ମୁଖୀନ ହୋଇଥିବାବେଳେ କମ୍ରେଡ଼ ଶିବଦାସ ଘୋଷଙ୍କ ବିପ୍ଳବୀ ଶିକ୍ଷାର ଆଧାରରେ ଦେଶର ସାଧାରଣ ଲୋକଙ୍କୁ ଉଚ୍ଚ ନୀତି-ନୈତିକତା ଓ ସଂସ୍କୃତିର ଆଧାରରେ ସଂଗଠିତ କରିବା ଏବଂ ଦୁର୍ବାର ଗଣଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମ ପରିଚାଳନା ଜରିଆରେ ଜନସାଧାରଣଙ୍କର ବିକଳ୍ପ ରାଜନୈତିକ ହତିଆର ଗଢ଼ିତୋଳବା ହିଁ ଆଜି ଦିନରେ ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ ।

# ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)
# ସର୍ବଭାରତୀୟ ସାଧାରଣ ସମ୍ପାଦକ
# କମ୍ରେଡ ପ୍ରଭାସ ଘୋଷଙ୍କ ବାର୍ତ୍ତା

**କମ୍ରେଡସ ଓ ବନ୍ଧୁଗଣ,**

ଆମ ଦଳ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ), ଓଡିଶା ରାଜ୍ୟ କମିଟି ପକ୍ଷରୁ ଦଳର ଓଡିଆ ମୁଖପତ୍ର "ସର୍ବହରା କ୍ରାନ୍ତି" ର ୱେବ ପେଜ ଉନ୍ମୋଚନକୁ ସ୍ୱାଗତ କରୁଛି । ଆମ ଦେଶରେ ଏକମାତ୍ର ଯଥାର୍ଥ କମ୍ୟୁନିଷ୍ଟ ଦଳ ଏସ.ୟୁ.ସି.ଆଇ(ସି)କୁ ପ୍ରତିଷ୍ଠା କରିବା ଅବସରରେ ଆମର ପ୍ରିୟ ନେତା ଓ ଶିକ୍ଷକ କମ୍ରେଡ ଶିବଦାସ ଘୋଷ, ଲେନିନୀୟ ଶିକ୍ଷାର ଭିତ୍ତିରେ କହିଥିଲେ ଯେ, "ଦଳର ମୁଖପତ୍ର"କୁ ସଂଗଠକର ଭୂମିକା ପାଳନ କରିବାକୁ ହେବ । ସେହି ଉପଲକ୍ଷେ ଦଳର କେନ୍ଦ୍ରୀୟ ମୁଖପତ୍ର "ପ୍ରୋଲେଟାରୀୟନ ଏରା" ଭଳି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଭାଷାରେ ମୁଖପତ୍ରମାନ ପ୍ରକାଶିତ ହେଉଛି । ଆମ ଦଳର ଓଡିଶା ରାଜ୍ୟ କମିଟି ଉଦ୍ୟୋଗରେ ପଚାଶ ଦଶକରେ ଅନିୟମିତ ଭାବେ ଓ ପରବର୍ତ୍ତୀକାଳରେ ନିୟମିତଭାବେ "ସର୍ବହରା କ୍ରାନ୍ତି" ପ୍ରକାଶିତ ହୋଇ ଆସୁଛି । ଆମ ଦେଶରେ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଲବ ସଂଗଠିତ କରିବାର ଲକ୍ଷ୍ୟ ନେଇ ଏବଂ ସର୍ବହରା ଆନ୍ତର୍ଜାତିକତାବାଦର ମହାନ୍ ପତାକାକୁ ଉର୍ଦ୍ଧ୍ୱୋତ୍ତଳିତ କରିବା ଉଦ୍ଦେଶ୍ୟରେ ଏହି ମୁଖପତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଚାଲିଛି ।

ବର୍ତ୍ତମାନ ପରିସ୍ଥିତିରେ ଦଳର ବକ୍ତବ୍ୟକୁ ଦେଶ ବିଦେଶରେ ପହଞ୍ଚାଇବା ପାଇଁ ବର୍ତ୍ତମାନ "ସର୍ବହରା କ୍ରାନ୍ତି"ର ୱେବ ପେଜ ଖୋଲାଯାଉଛି । ଏହି ୱେବ ପେଜ ଜରିଆରେ ମାର୍କ୍ସବାଦ- ଲେନିନବାଦ- ଶିବଦାସ ଘୋଷଙ୍କ ଚିନ୍ତାଧାରା ଓ ଆଦର୍ଶର ବ୍ୟାପକ ବ୍ୟାପକ ଚର୍ଚ୍ଚା ହେବା ସହିତ ଆମ ଦେଶରେ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଲବକୁ ସଫଳ କରିବା ସକାଶେ ଏକ ଉନ୍ନତ ରୁଚି, ସଂସ୍କୃତି ଓ ମୂଲ୍ୟବୋଧର ଭିତ୍ତିରେ ଗଣ ଆନ୍ଦୋଳନ ଓ ସାମାଜିକ, ସାଂସ୍କୃତିକ ଆନ୍ଦୋଳନର ଦ୍ରୁତ ପ୍ରସାର ଘଟାଇବାର ଲକ୍ଷ୍ୟ ନେଇ ଏହି ଅଭିଯାନ ଆଗେଇ ଚାଲିବ ବୋଲି ମୋର ଦୃଢ ବିଶ୍ୱାସ ରହିଛି ।

**ପ୍ରଭାସ ଘୋଷ**
**ସାଧାରଣ ସମ୍ପାଦକ,**
**ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)**

# ଏସ୍.ୟୁ.ସି.ଆଇ(ସି) କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ ଦ୍ୱାରିକାନାଥ ରଥଙ୍କ ବାର୍ତ୍ତା

ଏହା ଅତ୍ୟନ୍ତ ଖୁସିର କଥା ଯେ 'ସର୍ବହରା' ଯାହା କି ଆଜି 'ସର୍ବହରା କ୍ରାନ୍ତି' ତାହାର web page ଉନ୍ମୋଚିତ ହେଉଛି । ସର୍ବହରାର ଇତିହାସ ୧୯୫୩ ରୁ ୨୦୨୦ ପର୍ଯ୍ୟନ୍ତ ୬୭ ବର୍ଷର ଲମ୍ବା ଇତିହାସ । ଏହି ଇତିହାସ ହେଉଛି ଓଡିଶାର ଚାଷୀ, ମୂଲିଆ, ଶ୍ରମିକ, ଛାତ୍ର, ଯୁବକ, ଆଦିବାସୀଙ୍କ ସଂଗ୍ରାମର ଇତିହାସ ଯାହା ମାର୍କ୍ସବାଦୀ ଦୃଷ୍ଟିକୋଣରୁ ବିଶ୍ଳେଷଣ ହୋଇଛି । ଆମ ଦେଶ ସ୍ୱାଧୀନ ହେବାର ୬୭ ବର୍ଷ ମଧ୍ୟରେ ଆମ ଓଡିଶାରେ ଏସ୍.ୟୁ.ସି.ଆଇ(ସି) ପ୍ରତିଷ୍ଠା କରିବା ପାଇଁ କମ୍ରେଡ୍ ଶିବଦାସ ଘୋଷ, କମ୍ରେଡ୍ ଶଚୀନ ବାନାର୍ଜୀ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଲେନିନ୍ଙ୍କ ଭାଷାରେ organ is the organiser of party ଏହି ଶିକ୍ଷାରେ ଶିକ୍ଷିତ ହୋଇ ସର୍ବହରା ପାର୍ଟିର ମୁଖପତ୍ର ଭାବରେ ୧୯୫୩ ମସିହାରେ ପ୍ରକାଶିତ ହୋଇଥିଲା । ଏହାର ତତ୍ତ୍ୱାବଧାନ କରୁଥିଲେ ପ୍ରୟାତ ରଘୁନାଥ ଦାସ । ଏହାପରେ ସର୍ବହରାର ପ୍ରକାଶନ କରୁଥିଲେ ପ୍ରୟାତ ଅଶ୍ୱିନୀ କୁମାର ଜେନା । ଏହାର ପ୍ରକାଶନ କାର୍ଯ୍ୟ କଟକରୁ ହେଉଥିଲା ।

ପରବର୍ତ୍ତୀ ସମୟରେ ସର୍ବହରାର ପ୍ରକାଶନ କମ୍ରେଡ୍ ତାପସ ଦତ୍ତଙ୍କ ତତ୍ତ୍ୱାବଧାନରେ ରାଉରକେଲାରୁ କମ୍ରେଡ୍ ବନବିହାରୀ ଜେନାଙ୍କ ସମ୍ପାଦନାରେ ପ୍ରକାଶିତ ହେଲା ଏବଂ ପରବର୍ତ୍ତୀ ସମୟରେ ୧୯୭୩ ମସିହାରୁ କଟକରୁ ସର୍ବହରାର ପ୍ରକାଶନ କମ୍ରେଡ୍ ତାପସ ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଲା । ୬୭ ବର୍ଷର 'ସର୍ବହରା'ର ଯାତ୍ରାର ଏହା ଏକ ସଂକ୍ଷିପ୍ତ ଇତିହାସ ।

ସର୍ବହରା ପ୍ରକାଶନ ରାଉରକେଲାରେ ୧୯୬୮ ରୁ ୧୯୭୦ ମସିହା ସମୟରେ ଆମମାନଙ୍କର ଜୀବନକୁ କ୍ରାନ୍ତିକାରୀ କର୍ମୀ ହେବା ପାଇଁ ଅନୁପ୍ରାଣିତ କରିଥିଲା । ଆମେମାନେ ଥିଲୁ ଛାତ୍ର ଓ ଲେନିନ୍ଙ୍କ ଭାଷାରେ organ is the organiser of party ର କଥା ତାପସ ଦା ଓ ଅନ୍ୟ ପାର୍ଟି ନେତୃବୃନ୍ଦଙ୍କ ଠାରୁ ଶୁଣି ଅନୁପ୍ରାଣିତ ହୋଇଥିଲୁ । ସର୍ବହରା ଯେମିତି କଷ୍ଟେ ମଷ୍ଟେ ଛପା ହୋଇ ରାଉରକେଲାରେ ପହଁଚୁଥିଲା, ଆମେମାନେ ସାଙ୍ଗେ ସାଙ୍ଗେ ଯେତେଦୂର ସମ୍ଭବ ରାଉରକେଲାର ଘରେ ଘରେ ଯାଇ ତାହାକୁ ବିକ୍ରି କରୁଥିଲୁ । ସର୍ବହରାର ଦାମ ଥିଲା ୨୫ ପଇସା । ବହୁଳ ସଂଖ୍ୟାରେ ସର୍ବହରା ବିକ୍ରି କରିବା ଥିଲା ଆମ ଉଦ୍ଦେଶ୍ୟ । ସର୍ବହରା ବିକ୍ରି ଥିଲା ଆମ ପାଇଁ ଏକ ପ୍ରକାର revolutionary training. ଏହି ସର୍ବହରା ସେହି ସମୟରେ ତାଳଚେର-ବିମଳାଗଡ ରେଳପଥ ନିର୍ମାଣ ଆନ୍ଦୋଳନ, ଶିକ୍ଷା ତଥା ଛାତ୍ର ସମସ୍ୟା ସମ୍ପର୍କିତ ଆନ୍ଦୋଳନ, ୨ୟ ଇସ୍ପାତ କାରଖାନା ଆନ୍ଦୋଳନ, ଶ୍ରମିକ ଓ ଚାଷୀ ଆନ୍ଦୋଳନ ଇତ୍ୟାଦି ବହୁ ଗୌରବମୟ ଆନ୍ଦୋଳନର ସଂଗ୍ରାମୀ ଦୂତ ବା ବାର୍ତ୍ତାବହର ଭୂମିକା ପାଳନ କରିଥିଲା ।

ପରେ ସର୍ବହରା କଟକରୁ ପ୍ରକାଶିତ ହେଲା ଏବଂ ତାପସ ଦା ଏହାକୁ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ ।

ଏହି ସମୟରେ ୧୯୭୫ରେ ଜେପି ଆନ୍ଦୋଳନ, ଇମରଜେନ୍ସିରେ ସର୍ବହରା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲା । ଇମରଜେନ୍ସିରେ ସେନସରସିପ୍ ସତ୍ତ୍ୱେ ଫାସିବାଦକୁ ସାମନା କରି ସର୍ବହରାର ପ୍ରକାଶନ କାର୍ଯ୍ୟ ଅବ୍ୟାହତ ଥିଲା । ଇମରଜେନ୍ସି ଉଠିଯିବା ପରେ ଦେଶର ରାଜନୈତିକ

ପରିବର୍ତ୍ତନ ହୋଇଥିଲା । କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାକୁ ପାଥେୟ କରି ରାଜନୈତିକ ଶିକ୍ଷାରେ ଜନଗଣଙ୍କୁ ଶିକ୍ଷିତ କରିବା ପାଇଁ ଚେଷ୍ଟା ହୋଇଥିଲା । ଏପରିକି ଯେତେବେଳେ ବିଭିନ୍ନ ଆନ୍ଦୋଳନ ହେଉଥିଲା ସର୍ବହରାର ଦୈନିକ ବୁଲେଟିନ ଛପାଇ ହକିଂ କରି ବିକ୍ରି ହେଉଥିଲା ଏବଂ ସର୍ବହରା ଆନ୍ଦୋଳନକାରୀଙ୍କ ମଧ୍ୟରେ ପପୁଲାର ମଧ୍ୟ ହୋଇଥିଲା ।

ସର୍ବହରା ପ୍ରକାଶନ ଆମ ଜୀବନରେ ଏକ ମିଶନ ଥିଲା । ଲେଖା ସଂଗ୍ରହ ଠାରୁ କାଗଜ କିଣା, ପ୍ରେସ୍ ଯୋଗାଡ କରିବା, ପ୍ରୁଫ ଦେଖିବା, ଛପା ହେବା ପରେ ଚାରିଆଡକୁ ପଠାଇବା କାମ ଇତ୍ୟାଦି କରିବାକୁ ହେଉଥିଲା । ବିଶେଷକରି ପ୍ରେସ୍ ଖୋଜିବା ଥିଲା କାଠିକର ପାଠ । ସର୍ବହରାର ପ୍ରକାଶନରେ ଆମର ବହୁ ବନ୍ଧୁ, ସାଥି, ଶୁଭେଚ୍ଛୁ ଅକାତରେ ବର୍ଷ ବର୍ଷ ଧରି ସାହାଯ୍ୟ କରିଛନ୍ତି । ସେମାନଙ୍କ ସାହାଯ୍ୟ ବିନା ସର୍ବହରା ସେ ସମୟର ଦିନ ମାନଙ୍କରେ ପ୍ରକାଶ କରିବା ସମ୍ଭବ ହୋଇ ନଥାନ୍ତା ।

ଆଜି ସର୍ବହରା ବର୍ତ୍ତମାନର ‘ସର୍ବହରା କ୍ରାନ୍ତି’ ବହୁଳ ପ୍ରଚାର ପ୍ରସାର ହୋଇଛି । Web page ହେବା ପରେ ସର୍ବହରା କ୍ରାନ୍ତିର ଐତିହାସିକ ଭୂମିକା ସମ୍ପର୍କରେ ବହୁ ଲୋକ ଜାଣିବେ ଏବଂ ସାମ୍ୟବାଦୀ ଆନ୍ଦୋଳନରେ ସର୍ବହରା କ୍ରାନ୍ତିର ଭୂମିକା ସମ୍ପର୍କରେ ଅବଗତ ହେବେ । ଆଜିର ଏହି web page ଉନ୍ମୋଚନ ସମୟରେ ସର୍ବହରା କ୍ରାନ୍ତିର ଏହି ସଫଳ ଯାତ୍ରାରେ ସାମିଲ ସମସ୍ତ ନେତୃବୃନ୍ଦ, ସଙ୍ଗଠକ, ଶୁଭେଚ୍ଛୁ, ଦରଦୀମାନଙ୍କୁ ମୁଁ ମୋର ଅନ୍ତରରୁ ବିପ୍ଳବୀ ଅଭିନନ୍ଦନ ଜଣାଉଛି ।

**ଦ୍ୱାରିକାନାଥ ରଥ**
**କେନ୍ଦ୍ରୀୟ କମିଟି ସଭ୍ୟ,**
**ଏସ୍.ୟୁ.ସି.ଆଇ(ସି)**

ସର୍ବହରା କ୍ରାନ୍ତି

# ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)ର
# କେନ୍ଦ୍ର ସରକାରଙ୍କର ନୂତନ ଜାତୀୟ ଶିକ୍ଷାନୀତିକୁ ଦୃଢ ବିରୋଧ

କେନ୍ଦ୍ର ସରକାରଙ୍କର ନୂତନ ଜାତୀୟ ଶିକ୍ଷାନୀତିକୁ ଦୃଢ ବିରୋଧ କରି ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ) ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ,

ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସମସ୍ତ ସ୍ତରର ଶିକ୍ଷକ, ବୁଦ୍ଧିଜୀବୀ, ଶିକ୍ଷାବିଦ୍, ଅଭିଭାବକ ଓ ଛାତ୍ରମାନଙ୍କ ଦୃଢ ବିରୋଧକୁ ବେଖାତିର କରି କୋଭିଡ - ୧୯ ମହାମାରୀ କାଳରେ ଚକ୍ରାନ୍ତକତାପୂର୍ଣ୍ଣଭାବେ ସାମଗ୍ରିକ ଭାବେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ ଓ ଫାସିବାଦୀକରଣ କରିବାକୁ ଯାଇ ଏକ ବିଧ୍ୱଂସୀ ଜାତୀୟ ଶିକ୍ଷାନୀତି ୨୦୨୦ ଘୋଷଣା କରିଛନ୍ତି ।

ଜାତୀୟ ଶିକ୍ଷାନୀତି ୨୦୨୦ର ଘୋଷିତ ଲକ୍ଷ୍ୟ ହେଲା,

୧/ ଶିକ୍ଷା ସଂସ୍ଥାଗୁଡିକର ଗଣତାନ୍ତ୍ରିକ ପରିଚାଳନାର ଯେଉଁଟିକକ ଧ୍ୱଂସାବଶେଷ ଥିଲା ତାହାକୁ ସମୂଳେ ବିଲୋପ କରି ଶିକ୍ଷା ଉପରେ ସମ୍ପୂର୍ଣ୍ଣଭାବେ ଅମଲାତାନ୍ତ୍ରିକ ନିୟନ୍ତ୍ରଣ ପ୍ରତିଷ୍ଠା କରିବା ,

୨/ ଭାରତୀୟ ନବ ଜାଗରଣର ମହାନ ପୁରୋଧା ରାଜା ରାମମୋହନ ରାୟ, ଇଶ୍ୱରଚନ୍ଦ୍ର ବିଦ୍ୟାସାଗର, ଜ୍ୟୋତିବା ରାଓ ଫୁଲେ ତଥା ଅନ୍ୟାନ୍ୟ ଅଗ୍ରଣୀ ମନୀଷୀମାନଙ୍କର ବିଜ୍ଞାନସମ୍ମତ, ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷ, ଚିନ୍ତା ଚେତନାକୁ ଧୂଳିସାତ୍ କରି ସେହି ଶିକ୍ଷାର ବିପରୀତରେ ଛାତ୍ରଛାତ୍ରୀମାନଙ୍କ ଭିତରେ ଅନ୍ଧତା, କୁସଂସ୍କାରାଚ୍ଛନ୍ନ ମଧ୍ୟଯୁଗୀୟ ଧର୍ମୀୟ ମାନସିକତାକୁ ପ୍ରୋତ୍ସାହିତ କରିବା

୩/ ଦେଶୀୟ ଓ ବିଦେଶୀ କର୍ପୋରେଟ ହାଉସ ହାତରେ ଶିକ୍ଷାବ୍ୟବସ୍ଥାକୁ ଲାଭ ଲୁଟିବାର ଏକ ବ୍ୟବସାୟ ଭାବେ ଅର୍ପଣ କରିଦେବାର ପରିଣତିରେ ଶିକ୍ଷାର ବ୍ୟୟଭାର ଏତେ ଅଧିକ ହେବ ଯାହା ସାଧାରଣ ମଣିଷର ଅପହଞ୍ଚ ସ୍ତରକୁ ଚାଲିଯିବ, ଫଳରେ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ଶିକ୍ଷାର ସୁଯୋଗରୁ ବଞ୍ଚିତ ହେବେ ।

୪/ ଶିକ୍ଷା ବ୍ୟବସ୍ଥାକୁ କର୍ପୋରେଟ ମାନଙ୍କ ହାତରେ ଅର୍ପଣ କରି ବସ୍ତୁତଃ ସରକାର ଶିକ୍ଷା କ୍ଷେତ୍ରରୁ ତାର ସମସ୍ତ ଆର୍ଥିକ ଦାୟିତ୍ୱ ଖସାଇଦେବ ।

୫/ 'ଶିକ୍ଷିତ ସମ୍ପ୍ରଦାୟ'କୁ ସମସ୍ତ ମାନବିକ ମୂଲ୍ୟବୋଧ ଓ ସଂସ୍କୃତି ବିବର୍ଜିତ- ଆଇନଷ୍ଟାଇନଙ୍କ ଭାଷାରେ 'ଶିକ୍ଷିତ ମେସିନ'ରେ ପରିଣତ କରି ଦିଆଯିବ ।

କେନ୍ଦ୍ର ବି.ଜେ.ପି ସରକାରଙ୍କର ନୂତନ ଜାତୀୟ ଶିକ୍ଷାନୀତି ସମ୍ପୂର୍ଣ୍ଣ ଜନବିରୋଧୀ, ଶିକ୍ଷା ବିରୋଧୀ ଏବଂ ଶାସକ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥ ରକ୍ଷାକାରୀ ଏକ ଫାସିବାଦୀ ପଦକ୍ଷେପ ।

ଆମେ ସମସ୍ତ ସ୍ତରର ଶିକ୍ଷକ, ଶିକ୍ଷାବିଦ୍, ବୁଦ୍ଧିଜୀବୀ, , ଅଭିଭାବକ, ଛାତ୍ର ଓ ଜନସାଧାରଣଙ୍କୁ ଏହି ମାରାତ୍ମକ ଜାତୀୟ ଶିକ୍ଷାନୀତିକୁ ପ୍ରତିରୋଧ କରିବା ଓ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ପାଇଁ ଆହ୍ୱାନ କରୁଛୁ ।

ତାରିଖ - ୫ଅଗଷ୍ଟ, ୨୦୨୦



ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ପୂର୍ବତନ କେନ୍ଦ୍ରୀୟ କମିଟି ସଭ୍ୟ
ସର୍ବହରା କ୍ରାନ୍ତିର ଦୀର୍ଘଦିନ ମୁଖ୍ୟ ସମ୍ପାଦକ ହିସାବରେ ଦାୟିତ୍ୱ ପାଳନ କରିଥିବା
ଓଡିଶାର ବିଶିଷ୍ଟ ଜନନେତା ବିପ୍ଳବୀ ଶିଳ୍ପୀ

# କମ୍ରେଡ ତାପସ ଦତ୍ତ

Printed, Published and owned by Sri Bishnu Das, Printed at Serene Graphics, 337- Jagannath Vihar, Lane - 12, Baramunda, BBSR-3 and Published at Plot No - 61/2082, Gangotrinagar, BBSR-2, District - Khurda, Odisha, Email;- sarbaharakranti@yahoo.co.in **Editor - Bishnu Das**